




# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକୁ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। ୀରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଭ୍‌କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଗଳିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିଷୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

### ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର



ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଅାରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି। ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରୀତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର'।




ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ କେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ

ଆମ ଦେଶର ଜାତିଗତ ବିବାଦ ସଂପର୍କୀୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ । ପ୍ରତିଦିନ ମନୁଙ୍କ ସପ୍ତପୁରୁଷକୁ ଶ୍ରାଦ୍ଧ କରାଯାଉଛି । ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିର ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚ-ାଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦସରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟାଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମ କୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା। ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା । ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା । ପୋପ ଖ୍ରୀଷ୍ଟଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଈଶ୍ୱରଙ୍କ ଉପଲବ୍ଧି କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ । କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୫୩୪) । ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଈଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ, ୨୩-ଇଷ୍ଟର୍ଣ୍ଣ ଅର୍ଥୋଡକ୍ସ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣେଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କ । ଥେ ଲି କ ମା ନ ଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics, Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା। ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।

# ପଛୁଆବର୍ଗଙ୍କୁ ସଂରକ୍ଷଣ ଦାବି ଓ ଆଗାମୀ ଦିନରେ ଆନ୍ଦୋଳନ ନିମନ୍ତେ ପ୍ରସ୍ତୁତି ବୈଠକ




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱରସ୍ଥ ଲୋହିଆ ଏକାଡେମୀ ଠାରେ ଓଡ଼ିଶା ପଛୁଆବର୍ଗ ଛାତ୍ର ସଂଘ ପକ୍ଷରୁ ଆଗାମୀ ଦିନରେ ସାରା ରାଜ୍ୟରେ ଓବିସି ସଂରକ୍ଷଣ ପାଇଁ ଆନ୍ଦୋଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଛି। ସାରା ଓଡ଼ିଶାରେ ୫୪ ପ୍ରତିଶତ ଲୋକ ପଛୁଆ ବର୍ଗର ହୋଇଥିବା ବେଳେ ସେମାନଙ୍କ ପାଇଁ ଉଭୟ ନିଯୁକ୍ତି ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ କୌଣସି ସୁବିଧା ସୁଯୋଗ ପ୍ରଦାନ କରାଯାଇନାହିଁ । ୧୯୯୦ ମସିହାରେ ମଣ୍ଡଳ କମିଶନ ସୁପାରିଶ କ୍ରମେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି.ପି. ସିଂ ସାରା ଭାରତବର୍ଷରେ ପଛୁଆ ବର୍ଗ ଲୋକଙ୍କ ପାଇଁ ୨୭% ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରିଥିଲେ । ହେଲେ ଓଡ଼ିଶାରେ ଏହି ନିୟମକୁ ଅଦ୍ୟାବଧି ଲାଗୁ କରାଯାଇନାହିଁ। ଫଳରେ ଦିନକୁ ଦିନ ଓଡ଼ିଶାରେ ଏହି ବର୍ଗର ଲୋକଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥା ଦୁର୍ବଳ ହୋଇଯାଉଛି । ରାଜ୍ୟରେ ମୋଟ୍ ଜନସଂଖ୍ୟା ୪୦ ପ୍ରତିଶତ ଦଳିତ, ଆଦିବାସୀ ବର୍ଗର ହୋଇଥିବା ବେଳେ ସାଧାରଣ ବର୍ଗର ୬ ପ୍ରତିଶତ ଲୋକ ରହିଛନ୍ତି । ସେସବୁ ବର୍ଗ ପାଇଁ ସଂରକ୍ଷଣ ସୁବିଧା ଥିବା ବେଳେ ସର୍ବାଧିକ ୫୪ ପ୍ରତିଶତ ବାସ କରୁଥିବା ପଛୁଆ ବର୍ଗର ଲୋକଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନାହିଁ। ଫଳରେ ସେମାନେ ଶିକ୍ଷା ଓ ନିଯୁକ୍ତି ଉଭୟ କ୍ଷେତ୍ରରେ ପଛରେ ପଡ଼ିଯାଉଛନ୍ତି। ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟରେ ପଛୁଆ ବର୍ଗ ସଂରକ୍ଷଣ ତୁରନ୍ତ ଲାଗୁ କରାଯିବା ଦାବିରେ ଆଗାମୀ ଦିନରେ ସଂଘ ପକ୍ଷରୁ ସାରା ରାଜ୍ୟରେ ବ୍ୟାପକ ଆନ୍ଦୋଳନ କରାଯିବା ସହ ଜାତୀୟସ୍ତରରେ ଏହି ସମସ୍ୟାକୁ ଉପସ୍ଥାପନା କରାଯିବ ବୋଲି ନିଷ୍ପତ୍ତି ନିଆଗଲା।

# ଆଦିତ୍ୟ ଆଲୁମିନା କାରଖାନା ହେବାପାଇଁ ବଡ଼ କସରତ ଆରମ୍ଭ



ଭୁବନେଶ୍ୱର (ପିଏନ୍): କଂସାରୀଗୁଡାଠାରେ ଆଦିତ୍ୟ ଆଲୁମିନା କାରଖାନା ନେଇଥିବା ଜମିଗୁଡ଼ିକର ମାଲିକମାନେ ରାଜଧାନୀରେ କାରଖାନା ପ୍ରତିଷ୍ଠା ପାଇଁ ବଡ଼ଧରଣର କସରତ ଆରମ୍ଭ କରିଦେଇଛନ୍ତି। ଦୀର୍ଘ ୧୭ ବର୍ଷ ହେଲା କୋରାପୁଟ ଜିଲ୍ଲାର କଂସାରୀଗୁଡାଠାରେ ଆଦିତ୍ୟ ଆଲୁମିନା ଶିଳ୍ପ ହେବାପାଇଁ କାରଖାନା ତରଫରୁ ଟିକିରିରୁ କଂସାରଗୁଡା ପର୍ଯ୍ୟନ୍ତ ସବୁ ଚାଷଜମିକୁ ସରଳ, ନିରୀହ ଗ୍ରାମବାସୀଙ୍କଠାରୁ ବହୁ କମ୍ ମୂଲ୍ୟରେ ଜମି ନେଇଥିଲା। ଗ୍ରାମବାସୀମାନେ ନିଜ ପିଲାଛୁଆଙ୍କ ଭବିଷ୍ୟତ କଥା ଚିନ୍ତା କରି, ଭବିଷ୍ୟତରେ କମ୍ପାନୀରେ ନିଯୁକ୍ତି ଆଶା ରଖି କମ୍ପାନୀ ପାଇଁ ଜମି ଦେଇଦେଲେ। ହେଲେ ବହୁ ବର୍ଷ ଅତିକ୍ରମ କଲାପରେ ମଧ ସେଠାରେ ଆଦିତ୍ୟ ଆଲୁମିନା ଶିଳ୍ପ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଯେଉଁ ଉଦ୍ଦେଶ୍ୟ ରଖି ଗ୍ରାମବାସୀମାନେ ଜମି ଦେଇଥିଲେ, ତାହା ପୂରଣ ନ ହେବାରୁ ଗ୍ରାମବାସୀମାନେ ସେମାନଙ୍କ ଜମିରେ ତୁରନ୍ତ କାରଖାନା ହେଉ ନଚେତ୍ ସେହି ଜମିକୁ ସେମାନଙ୍କୁ ଫେରସ୍ତ ଦିଆଯାଉ ବୋଲି ଅଡି ବସିଛନ୍ତି। ଗ୍ରାମବାସୀମାନେ ବାରମ୍ବାର ସେମାନଙ୍କ ସମସ୍ୟା ଓ କମ୍ପାନୀ ପ୍ରତିଷ୍ଠା ପାଇଁ ସରକାରଙ୍କୁ ଜଣାଇ ଆସୁଥିଲେ ମଧ ଏପରିକି ବିଭିନ୍ନ ସମୟରେ ରାଲି, ଧାରଣା, ଆନ୍ଦୋଳନ ଓ ବିକ୍ଷୋଭ ପ୍ରଶାସନକୁ ଚେତାବନି ଦେବାପାଇଁ କରିଆସୁଥିଲେ ମଧ ସରକାର ଚୁପ୍ ରହିବା ସେମାନଙ୍କ ପାଇଁ ବଡ଼ କଷ୍ଟ ଦେଇଛି। ଅନ୍ୟପକ୍ଷରେ ସେହି ଯାଗାକୁ କମ୍ପାନୀ ନିଜ ଅଧିନକୁ ନେଇଥିବାରୁ ଗ୍ରାମବାସୀମାନଙ୍କର କୌଣସି ଉନ୍ନତି ଏବଂ ସେ ଅଞ୍ଚଳର ମଧ କୌଣସି ବିକାଶମୂଳକ କାମ ସରକାର ଏବଂ କମ୍ପାନୀ କେହି କରୁନାହାଁନ୍ତି । ଫଳରେ ଗ୍ରାମବାସୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି କହିଛନ୍ତି ଆଦିତ୍ୟ ଆଲୁମିନା ଶିଳ୍ପ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ସଭାପତି ଦୌଲ ଚୌଧୁରୀ। ଗ୍ରାମବାସୀଙ୍କ ଗୋଟିଏ ଦାବି ଶୀଘ୍ର କାରଖାନା ପ୍ରତିଷ୍ଠା ହେଉ, ନଚେତ୍ ଜମି ଆମକୁ ଫେରାଇ ଦିଆଯାଉ। ବହୁଥର ସରକାରଙ୍କୁ ଗୁହାରି କଲେ ମଧ କଂସାରୀଗୁଡା ଜମିହରା, ବାସହରା ଗ୍ରାମବାସୀମାନେ ଆଉ ବେଶିଦିନ ଏ ଦୁଃଖ କଷ୍ଟ ସହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବାରୁ କ୍ରିୟାନୁଷ୍ଠାନ କମିଟିର ସଭାପତି ଦୌଲ ଚୌଧୁରୀ ଓ ଜମିହରା, ବାସହରା ଗ୍ରାମବାସୀଙ୍କ ନେତା ତଥା ଆର.ପି.ଡି.ଏ.ସି.ର ସଦସ୍ୟ ରାଜେନ୍ଦ୍ର ଦୁରିଆଙ୍କ ନେତୃତ୍ୱରେ ଭୁବନେଶ୍ୱର ଆସି ଓଡ଼ିଶା ଖଣି ନିଗମର ଏମ୍.ଡି. ବଳବନ୍ତ ସିଂହଙ୍କୁ ସାକ୍ଷାତ କରି ଆଦିତ୍ୟ ଆଲୁମିନା କମ୍ପାନୀ ପାଇଁ ବକ୍ସାଇଟ୍ ଖଣି ଯୋଗାଇ ଦେବାପାଇଁ ଅନୁରୋଧ କରିଥିଲେ। ଗୋଟିଏ ପକ୍ଷେ ଆଦିତ୍ୟ ଆଲୁମିନା କର୍ତ୍ତୃପକ୍ଷ ସରକାର ଖଣି ଦେଉନାହାଁନ୍ତି ବୋଲି କହି କାରଖାନା କରିବାରେ ସମୟ ଗଡାଇ ଚାଲିଥିଲେ, ଯାହାକୁ ଓଏମ୍.ସି. ଏମ୍.ଡି. ସମାଧାନ କରି କମ୍ପାନୀ ଆଗ କାମ ଆରମ୍ଭ କଲାପରେ ଖୁବ୍ ଶୀଘ୍ର ଖଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ସରକାର ଖୁବ୍‌ଶୀଘ୍ର ଏଥିରେ ହସ୍ତକ୍ଷେପ କରି ଏ ସମସ୍ୟାର ସମାଧାନ ରାସ୍ତା ବାହାର କରିବେ ବୋଲି ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ଶ୍ରୀ ପ୍ରଣବ ପ୍ରକାଶ ଦାସ ଜମିହରା, ବାସହରା ଗ୍ରାମବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏଠାରେ ଉଲ୍ଲେଖନୀୟ ଯେ, ଶ୍ରୀ ଦୌଲ ଚୌଧୁରୀଙ୍କ ନେତୃତ୍ୱରେ ଜମିହରା ଗ୍ରାମବାସୀମାନେ ପ୍ରଣବପ୍ରକାଶ ଦାସଙ୍କୁ ତାଙ୍କ ବାସଭବନରେ ଭେଟି ଏହି ସମସ୍ୟା ଉପରେ ଆଲୋଚନା କରିଥିଲେ ଏବଂ ଆଲୋଚନାରେ ଗ୍ରାମବାସୀମାନେ ଆଶ୍ୱସ୍ତି ହେବା ସହ ଆଉ କିଛିଦିନ ଅପେକ୍ଷା କରିବା ପାଇଁ ନିଷ୍ପତ୍ତି ନେଲେ, ଯଦି ଆଦିତ୍ୟ ଆଲୁମିନା କମ୍ପାନୀ କର୍ତ୍ତୃପକ୍ଷ ଖୁବ୍ ଶୀଘ୍ର କାମ ଆରମ୍ଭ ନ କରନ୍ତି, ତେବେ ହଜାର ହଜାର ନିରୀହ ଜମିହରା ଆଦିବାସୀ ଗ୍ରାମବାସୀମାନେ ଭୁବନେଶ୍ୱରରେ ଆମରଣ ଅନଶନ କରିବେ ବୋଲି କହିଛନ୍ତି କ୍ରିୟାନୁଷ୍ଠାନ କମିଟିର ସଭାପତି ଦୌଲ ଚୌଧୁରୀ।

# 'ଦେହର ଦୁଃଖ' ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): ବୁଦ୍ଧ ମନ୍ଦିରଠାରେ ଶରୋଜ ସାହୁଙ୍କ ଦ୍ୱାରା ରଚିତ 'ଦେହର ଦୁଃଖ' ଏକ ଆଧାତ୍ମିକ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ଲେଖକ ଦେହ ଓ ଦେହି ଏହି ଦୁଇଟି ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇ ଦେଇଛନ୍ତି। ଦେହ ହେଉଛି ଏ ଶରୀର ଏବଂ ଦେହି ହେଉଛି ଆତ୍ମା। ଦେହ ବିଶ୍ରାମ ଚାହେଁ, ରାତିରେ ଶୋଇପଡ଼େ କିନ୍ତୁ ଦେହି ବା ଆତ୍ମା ତା'ର ବିଶ୍ରାମ ନାହିଁ। ସବୁବେଳେ ରକ୍ତ ସଂଚାଳନ, ନିଃଶ୍ୱାସ, ପ୍ରଶ୍ୱାସ ଏବଂ ହୃତପିଣ୍ଡ କର୍ମଚଞ୍ଚଳ ଥାଏ। ଏମାନେ କେବେ ବିଶ୍ରାମ ନିଅନ୍ତି ନାହିଁ। ବିଶ୍ୱନିୟନ୍ତା ବା ସୃଷ୍ଟିକର୍ତ୍ତା ଦେହି ବା ଆତ୍ମାକୁ ସର୍ବଦା ଚଲାଇଥାଆନ୍ତି। ଆତ୍ମା ଯୋଗୁଁ ଏ ଦେହର ହାତକୁ ଯାହା ନିର୍ଦ୍ଦେଶ ଆସିଥାଏ, ସେହି ଅନୁସାରେ ମୁଁ କିଛି ଲେଖିପକାଏ। ଆଗରୁ ବିଜ୍ଞାନ ସମ୍ବନ୍ଧୀୟ କିଛି ପୁସ୍ତକ ଲେଖୁଥିଲି। ବିଜ୍ଞାନ ଜ୍ୟୋତି, ବିଜ୍ଞାନ ଦିଗନ୍ତ ଭଳି କିଛି ପୁସ୍ତକରେ ମୋ ଲେଖା ବାହାରୁଥିଲା। ଏବେ କିନ୍ତୁ ଗୀତି କବିତା, ଭାଗବତ ଗୀତା, ଜଗନ୍ନାଥ ଆତ୍ମତୃପ୍ତି ଭଳି ଅନେକ ଲେଖା ବିଶ୍ୱନିୟନ୍ତାଙ୍କ ନିର୍ଦ୍ଦେଶରେ ମୁଁ ଲେଖିପାରୁଛି। ମୁଁ କିଛି ଜାଣିନାହିଁ, ମୁଁ ନିମିତ୍ତ ମାତ୍ର। ଯାହା ନିର୍ଦ୍ଦେଶ ଆସୁଛି, ସେହି ଅନୁସାରେ ମୋ ହାତ ଚାଲୁଛି ବୋଲି କହିଛନ୍ତି ପୁସ୍ତକର ଲେଖକ ସରୋଜ କୁମାର ସାହୁ। ପିମ୍ପୁଡିଠାରୁ ହାତୀ ପର୍ଯ୍ୟନ୍ତ ସମସ୍ତଙ୍କର ଦେହ ଅଛି। କିନ୍ତୁ, ଆତ୍ମା ମାଧମରେ ନିଜର ମନର କଥା ନିଜର ଭାଷାକୁ ପ୍ରକାଶ କରିବା ସମ୍ଭବ ହେଉଛି। ଦେହ ଯୋଗୁଁ ଯାହା ନ ହୋଇପାରେ, ଆତ୍ମା ଯୋଗୁଁ ସବୁ କିଛି ସମ୍ଭବ ବୋଲି ଲେଖକ ପ୍ରକାଶ କରିଛନ୍ତି। ସେହି ଆତ୍ମାର ଆଶୀର୍ବାଦ ରହିଲେ ମୁଁ ଆଗକୁ ଆହୁରି କିଛି ଲେଖିହେବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।




# ରି-କରେଣ୍ଟ ମିସକ୍ୟାରେଜ

**ମା'** ହେବା ନାରୀ ଜୀବନର ସବୁଠୁ ସୁଖଦ ଅନୁଭବ ହୋଇଥାଏ। କିନ୍ତୁ କିଛି ମହିଳା ଏଥିରୁ ବଞ୍ଚିତ ହୋଇଥାନ୍ତି। ଗର୍ଭପାତ ଏକ ଏପରି ଘଟଣା ଯାହାର ସାମ୍ନା କରିବା ଓ ସେଥିରୁ ବାହାରିବା ଅତ୍ୟନ୍ତ କଷ୍ଟସାଧ ହୋଇଥାଏ। ବିଶେଷକରି ସେହି ମହିଳାଙ୍କ ପାଇଁ ଯେଉଁମାନେ ଏହି ପର୍ଯ୍ୟାୟ ଦେଇ ବାରମ୍ବାର ଗତି କରିଥାନ୍ତି। ବାରମ୍ବାର ହେଉଥିବା ଏହି ଗର୍ଭପାତକୁ ରି-କରେଣ୍ଟ ମିସକ୍ୟାରେଜ ବୋଲି କୁହାଯାଏ। ମିସକ୍ୟାରେଜ ବା ଗର୍ଭପାତ କୌଣସି ମହିଳା ପାଇଁ ସହଜ ହୋଇନଥାଏ। ଗର୍ଭାବସ୍ଥାର ଆରମ୍ଭରୁ ହିଁ ନାରୀର ଗର୍ଭସ୍ଥ ଭ୍ରୁଣ ସହିତ ଏକ ନିବିଡ଼ ସମ୍ପର୍କ ଯୋଡ଼ି ହୋଇଯାଇଥାଏ ଏବଂ ଏପରି ସ୍ଥିତିରେ ଗର୍ଭପାତର ଯନ୍ତ୍ରଣା ସହିବା ଖୁବ କଷ୍ଟସାଧ ହୋଇଥାଏ। ଅନେକ ମହିଳାଙ୍କର ରି-କରେଣ୍ଟ ମିସକ୍ୟାରେଜ ଭଳି ସମସ୍ୟା ଦେଖାଦେଇଥାଏ। ରି-କରେଣ୍ଟ ମିସକ୍ୟାରେଜର ଲକ୍ଷଣକୁ ଚିହ୍ନିବା ବେଳେ ବେଳେ କଷ୍ଟକର ହୋଇପଡ଼େ କାରଣ ଗର୍ଭାବସ୍ଥାର ପ୍ରାରମ୍ଭିକ ଅବସ୍ଥାରେ ଏହା ହୋଇଥାଏ। ତେବେ ରି-କରେଣ୍ଟ ମିସକ୍ୟାରେଜ କଣ ଓ ଏହା କାହିଁକି ଘଟେ ତାହା ଜାଣିବା ନିହାତି ଦରକାର, ଯେପରି ସମୟ ଥାଉ ଥାଉ ଏହାର ଚିକିତ୍ସା କରାଯାଇପାରିବ।

**ରି-କରେଣ୍ଟ ମିସକ୍ୟାରେଜ ସମ୍ଭାବ୍ୟ କାରଣ:** ପ୍ରତ୍ୟେକ ମହିଳାଙ୍କ ଗର୍ଭାଶୟ ଶାରୀରିକ ଗଠନ ଭିତ୍ତିରେ



ଭିନ୍ନ ହୋଇଥାଏ। ଯାହାଦ୍ୱାରା ସେମାନଙ୍କ ଗର୍ଭ ଧାରଣ ସମ୍ଭାବନା କମ ବା ବେଶୀ ହୋଇପାରେ। ବେଳେ ବେଳେ ଗର୍ଭାଶୟର ଅସ୍ୱାଭାବିକ ଆକୃତି ଓ ଗର୍ଭାଶୟର ଦୁର୍ବଳତା ମଧ୍ୟ ଗର୍ଭପାତର କାରଣ ହୋଇପାରେ। ଗର୍ଭପାତ ସରଭାଇକଲ, ଫ୍ରାଇବ୍ରଏଡ, ଗର୍ଭାଶୟରେ ଆଘାତ କିମ୍ବା ଜନ୍ମଗତ ସମସ୍ୟା ଗର୍ଭପାତର ଆଶଙ୍କା ବଢ଼ାଇ ଦେଇଥାଏ। ଅନେକ ସମୟରେ ଗର୍ଭାଶୟରେ ରକ୍ତ ଜମାଟ ବାନ୍ଧିବା କାରଣରୁ ବି ଗର୍ଭପାତ ହୋଇପାରେ। ଏହାକୁ ଡାକ୍ତରୀ ଶବ୍ଦରେ ଆଣ୍ଟିଫାସ୍ଫୋଲିପିଡ଼ ସିଣ୍ଡ୍ରୋମ କୁହାଯାଏ। ଏହା ବ୍ୟତୀତ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଏଥିପାଇଁ ଦାୟୀ ଅଟେ। ହର୍ମୋନାଲ ସମସ୍ୟା ମଧ୍ୟ ବାରମ୍ବାର ହେଉଥିବା ଗର୍ଭପାତର କାରଣ ହୋଇପାରେ। ଶରୀରରେ ପ୍ରୋଜେଷ୍ଟେରନର ଅଭାବ ଗର୍ଭପାତର ଆଶଙ୍କା ବଢ଼ାଇଦିଏ। ଏହା ବ୍ୟତୀତ ଏଲିବେଟିଡ ପ୍ରୋଲେକ୍ଟିନ, ଇନ୍ସୁଲିନ ରେଜିସଟେନ୍ସ ଏବଂ ଥାଇରଏଡ ଡିସଅର୍ଡ଼ର ମଧ୍ୟ ରି-କରେଣ୍ଟ ମିସକ୍ୟାରେଜର କାରଣ ହୋଇପାରେ। ବେଳେ ବେଳେ ବାରମ୍ବାର ହେଉଥିବା ଗର୍ଭପାତର କାରଣ ବଂଶାନୁଗତ ମଧ୍ୟ ହାଇପାରେ। ମହିଳା ବା ପୁରୁଷଙ୍କ ପରିବାରରେ ହୋଇଥିବା ଗର୍ଭପାତ ମଧ୍ୟ ଏହାସହ ଯୋଡ଼ି ହୋଇପାରେ। ସାଧାରଣ ଭାବେ ଏହି ବଂଶାନୁଗତ କାରଣର ସମ୍ଭାବପନା ଖୁବ କମ ଥାଏ। ରି-କରେଣ୍ଟ ମିସକ୍ୟାରେଜକୁ ହାଲୁକା ଭାବେ ନିଅନ୍ତୁ ନାହିଁ। କିନ୍ତୁ ସଠିକ ସମୟର ଚିକିତ୍ସା କରି ଏହାକୁ ରୋକାଯାଇପାରିବ। ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରି ଏହାକୁ ବିଭିନ୍ନ ମାଧ୍ୟମରେ ଉପଚାର କରିହେବ।

# ଆନ୍ତର୍ଜାତୀୟ ସଂଖ୍ୟାଲଘୁ ଅଧିକାର ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଆନ୍ତର୍ଜାତୀୟ ସଂଖ୍ୟାଲଘୁ ଅଧିକାର ଦିବସ ଭୁବନେଶ୍ୱରର ଗୀତଗୋବିନ୍ଦ ସଦନ ଠାରେ ପାଳିତ ହୋଇଯାଇଛି। ଓଡିଶା ସଂଖ୍ୟାଲଘୁ ସଂପ୍ରଦାୟ ତରଫରୁ ଆୟୋଜିତ ଓ ବିଜେଡି ଭୁବନେଶ୍ୱର ଜିଲ୍ଲା ଉପସଭାପତି ମୁଶାରଫ ଖାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନୀତ ଅତିଥି ଭାବେ ଓଡିଶା ସଂଖ୍ୟାଲଘୁ ସଂପ୍ରଦାୟର ଅଧ୍ୟକ୍ଷ ତଥା ଆଇନଜୀବୀ ଡଃ ହାସନ ଖାନ୍, କର୍ପୋରେଟର ଆଏସା ବେଗମ୍, ବାପୁଜୀ ନଗର ଚାମ୍ବର୍ସ ଅଫ୍ କମର୍ସର ସଭାପତି ମିର ମହମ୍ମଦ ଖାନ୍, ସମାଜସେବୀ ମିର୍ଜା ରିୟାଜ ବେଗ୍, ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ରାଜ୍ୟ ଉପସଭାପତି ଅବତାର ସିଂ ଭୁର୍ଜୀ, ପୂର୍ବତନ କର୍ପୋରେଟର ନିଜାମ ଉଦ୍ଦିନ୍, ଆଇନଜୀବୀ ସମରେନ୍ଦ୍ର ସାହୁ , ଲୀନା ନନ୍ଦିତା ପରିଡା, ହବିଉଲ୍ଲା ଖାନ୍, ଦିଲଦାର ଖାନ୍, ଏମ୍ ଆର ଖାନ୍ ପ୍ରମୁଖ ଯୋଗଦେଇ ସଂଖ୍ୟାଲଘୁ ମାନଙ୍କର ଅଧିକାର ବିଷୟରେ ଆଲୋଚନା କରିଥିଲେ। ସଂଖ୍ୟାଲଘୁ କମିଶନ ଗଠନ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ଅବସରରେ ସମାଜସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଏଲ୍ ପି ଟିମ୍ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକାନ୍ତ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ସଂପ୍ରଦାୟର ଆବାହକ ବାବୁ ରାଜା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସିପିଆଇର ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର (ପିଏନ୍)–ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୯୭ତମ ପ୍ରତିଷ୍ଠା ଦିବସ ସମାରୋହ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭଗବତୀ ଭବନ ପ୍ରାଙ୍ଗଣରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପାର୍ଟିର ଲାଲ୍ ପତାକାକୁ ଉତ୍ତୋଳନ କରି ୧୯୨୫ ଡିସେମ୍ବର ୨୬ ତାରିଖରେ କାନପୁରଠାରେ କିଭଳି କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଦେଶର ସମ୍ବିଧାନ, ଗଣତନ୍ତ୍ର ଓ ଧର୍ମନିରପେକ୍ଷତାକୁ ରକ୍ଷା କରିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟିର ସଭ୍ୟ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ବରିଷ୍ଠ ନେତା ଦିବାକର ନାୟକ ଉଦ୍‌ବୋଧନ ଦେଇ ପାର୍ଟିର ୯୭ବର୍ଷର ତ୍ୟାଗ ଓ ସଂଗ୍ରାମର ଗୌରବୋଜ୍ଜ୍ୱଳ ଇତିହାସ ସମ୍ପର୍କରେ ଆଲୋଚନା କରିବା ସହିତ ସ୍ୱାଧୀନତା ସଂଗ୍ରାମର ଅଗ୍ନିଗର୍ଭରୁ ଜାତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦେଶର ଖଟିଖିଆ ଓ ମଧ୍ୟବିତ୍ତ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ କିଭଳି ଅହରହ ସାଲିସ୍‌ବିହୀନ ସଂଗ୍ରାମ ଚଳାଇଆସିଛି, ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏହି ସମାରୋହରେ ବିଶ୍ୱ ଶିକ୍ଷକ ସଂଘର ସଭାପତି ଅମିୟ ମହାନ୍ତି, ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ମାୟାଧର ନାୟକ, ସତୀଶ ମିଶ୍ର, ରାଜ୍ୟ ପରିଷଦ ସଭ୍ୟ ବିଜୟ ମହାନ୍ତି ଓ ଉତ୍କଳ ମହିଳା ସମିତିର ସୁବାସିନୀ ଭଦ୍ର, ନୂଆ ଦୁନିଆ ସମ୍ପାଦକମଣ୍ଡଳୀ ସଭ୍ୟ ରମେଶ ପ୍ରଧାନ, କୈଳାସ ପୁହାଣ, ସର୍ବେଶ୍ୱର ମାର୍ଥା, ଶରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶୀତଦିନେ ସାବୁନ ଓ ଫେସୱାସର ବ୍ୟବହାର କମ କରନ୍ତୁ

**ଶୀ**ତଦିନେ ଦେହକୁ ଆରାମ ଦେଲେ ମଧ୍ୟ ଶରୀର ପାଇଁ ବିଭିନ୍ନ ସମସ୍ୟା ଆଣିଥାଏ। ବିଭିନ୍ନ ଲୋକଙ୍କ ଠାରେ ଭିନ୍ନ ଭିନ୍ନ ସମସ୍ୟା ଦେଖିବାକୁ ମିଳିଥାଏ ଏହି ଋତୁରେ। ବିଶେଷକରି ସାବୁନ ଓ ଫେସୱାସ ତ୍ୱଚାର ଶୁଷ୍କତାକୁ ବଢ଼ାଇବା ସହ ବହୁ ସମସ୍ୟା ଡାକିଆଣେ। ତେବେ କେମିତି ଏସବୁର ସମାଧାନ କରିପାରିବେ ଚାଲନ୍ତୁ ଜାଣିବା।

**ପ୍ରଶ୍ନ :** ଶୀତଦିନ ଆସିବା ମାତ୍ରେ ମୋର ଓଠ ଏବଂ ମୁହଁ ଚମଡ଼ା ରୁକ୍ଷ ହୋଇଯାଏ। ବିଶେଷକରି ଓଠ ଫାଟି ରକ୍ତ ବାହାରେ। ନଡ଼ିଆ ତେଲ, ଗ୍ଲିସେରିନ୍ ଲଗାଇଲେ ବି କିଛି ଲାଭ ହୁଏନାହିଁ। କ'ଣ କଲେ ଶୀତଦିନେ ମୋ ଓଠ ଆଉ ଫାଟିବ ନାହିଁ?

**ଉତ୍ତର :** ଓଠ ନଫାଟିବା ପାଇଁ ନିୟମିତ ୪/୫ ଥର ଭେସଲିନ ଲଗାନ୍ତୁ। ଓଠାରେ ଜିଭ ଲଗାନ୍ତୁ ନାହିଁ। ଯଦି ତେଲ ଲଗାଇବା ପରେ ମଧ୍ୟ ମୁହଁ ଫାଟୁଛି, ତେବେ କୌଣସି ଭଲ କମ୍ପାନୀର ମଏଶ୍ଚରାଇଜର ବ୍ୟବହାର କରନ୍ତୁ। ଆଉ ସାବୁନ ଓ ଫେସୱାସର ବ୍ୟବହାର କମ କରନ୍ତୁ। ଏହା ଶୀତଦିନେ ତ୍ୱଚାକୁ ଅଧିକ ଶୁଷ୍କ କରିଥାଏ।

**ପ୍ରଶ୍ନ :** ହାଲୁକା ଶୀତ ଅନୁଭବ ହେଲା ମାତ୍ରେ ମୋ ପାଦ ତଳର ତ୍ୱଚା ଫାଟି ରକ୍ତ ବାହାରେ। ଚଲାବୁଲା କରିବାରେ ସମସ୍ୟା ହୁଏ। ମୁଁ ଭେସଲିନ, ଗ୍ଲିସେରିନ ଲଗାଏ। ରାତିରେ ଶୋଇବା ବେଳେ ନଡ଼ିଆ ତେଲ ମାଲିସ କରେ। ତଥାପି ସମସ୍ୟା କମେ ନାହିଁ। କ'ଣ କରିବି?

**ଉତ୍ତର :** ଏହି ସ୍ଥିତିରେ ନିୟମିତ ପାଦରେ ମୋଜା ପିନ୍ଧନ୍ତୁ। ଖାଲି ପାଦରେ ଚାଲନ୍ତୁନାହିଁ। ଅଧିକ ସାବୁନ ବା ସର୍ଫ ପାଣି ପାଦରେ ବାଜିବାକୁ ଦିଅନ୍ତୁ ନାହିଁ। ରାତିରେ ଶୋଇବା ପୂର୍ବରୁ ପାଦରେ ଭେସଲିନ କିମ୍ବା ରନ୍ଧା ନଡ଼ିଆ ତେଲ ମାଲିସ କରି ଶୁଅନ୍ତୁ। ପାଦ ଫାଟିବା କମିଯିବ।

**ପ୍ରଶ୍ନ :** ଶୀତ ଆସିଲା ମାତ୍ରେ ମୋ କେଶ ରୁକ୍ଷ ହୋଇଯାଏ। କିନ୍ତୁ ଅଧିକ କଷ୍ଟ ଦିଏ ରୂପି ଏବଂ ମୁଣ୍ଡର ଇନଫେକସନ। ଏଥିରୁ କିପରି ମୁକ୍ତି ପାଇବି?

**ଉତ୍ତର :** ଫଙ୍ଗାଲ ଇନଫେକସନ ଦୂର କରିବା ପାଇଁ ସପ୍ତାହକୁ ଦୁଇଥର କୌଣସି ଆଣ୍ଟି ଫଙ୍ଗାଲ ଶାମ୍ପୋ ବ୍ୟବହାର କରନ୍ତୁ। କେଶରେ କମ ତେଲ ଲଗାନ୍ତୁ। ମୁଣ୍ଡ ସଫା କରିବା ପୂର୍ବଦିନ ରାତିରେ ତେଲ ଲଗାଇ ସକାଳୁ ସଫା କରିନିଅନ୍ତୁ। କେଶରେ ଅଧିକ ସମୟ ତେଲ ରହିବାକୁ ଦିଅନ୍ତୁ ନାହିଁ।

**ପ୍ରଶ୍ନ :** ଶୀତଦିନେ ସନ୍ଧ୍ୟା ସମୟରେ ବାହାରକୁ ବାହାରିଲା ମାତ୍ରେ ମୋର ସମଗ୍ର ଶରୀର କୁଣ୍ଡେଇହେଲା ଭଳି ଲାଗେ। ଘରକୁ ଆସି ଧୁଆଧୁଇ ହୋଇଗଲେ କମିଯାଏ। ଦିନ ଅପେକ୍ଷା ରାତିରେ ଏହି ସମସ୍ୟା ଅଧିକ ହୁଏ। ଏପରି ହେବାର କାରଣ କ'ଣ?

**ଉତ୍ତର :** କିଛି ଲୋକଙ୍କର ଚର୍ମ ଅତ୍ୟଧିକ ସ୍ପର୍ଶକାତର ହୋଇଥାଏ। ସେମାନଙ୍କ ଠାରେ ଏଭଳି ସମସ୍ୟା ଦେଖା ଦେଇଥାଏ। ଏହି ସମସ୍ୟାର କୌଣସି ଘରୋଇ ଉପଚାର ନାହିଁ। ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ। ଆପଣଙ୍କ ସମସ୍ୟା ଦୂର ହୋଇଯିବ।

# ପାଣି ପମ୍ପ ଚୋରୀ ବେଳେ ଚାଷୀଙ୍କ ହାତରେ ଧରା ପଡିଲା ଚୋର



ଚମ୍ପୁଆ (ପିଏନ୍): ଚମ୍ପୁଆ ବ୍ଲକ ଅନ୍ତର୍ଗତ ସରେଇ ପଂଚାୟତର ଟୁଣ୍ଡୁଟୁଣାଠାରେ ଘର ବାରଣ୍ଡାରୁ ପାଣି ପମ୍ପ ଚୋରୀ କରୁଥିବା ବେଳେ ଚାଷୀମାନେ ଜଣେ ଚୋରକୁ ଧରି ପୋଲିସର ଜିମା ଦେଇଥିବା ଜଣାଯାଇଛି। ସୂଚନା ଅନୁସାରେ ଟୁଣ୍ଡୁଟୁଣାଠାରେ ଥିବା ଉଠା ଜଳସେଚନ ପଏଂଟ ନୋ-୪ର ଦୁଇ ଗୋଟି ମୋଟର ଉକ୍ତ ପାଣି ପଂଚାୟତର ଚାଷୀ ପ୍ରଦୀପ ନାଏକଙ୍କ ଘର ବାରଣ୍ଡାରେ ରହିଥିଲା। ଅଭିଯୋଗ ଅନୁଯାୟୀ ଚୋରମାନେ ରାତି ୨ଟା ବେଳେ ଉକ୍ତ ବାରଣ୍ଡାରୁ ଗୋଟାଏ ମୋଟର ନେଇ ଯାଉଥିବା ସମୟରେ ପ୍ରଦୀପ ନାଏକଙ୍କ ସ୍ତ୍ରୀ ଘରୁ ବାହାରକୁ ଆସି ଡାକ ପକାଇବାରୁ ସ୍ଥାନୀୟ ଘରର ଲୋକମାନେ ଚୋରଙ୍କୁ ଦୌଡାଇଥିଲେ ଏବଂ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଚୋରମାନେ ଛାଡିଯାଇଥିବା ଟିଭିଏସ ଭିକ୍ଟୋର ମୋଟର ସାଇକେଲ ସହ ନମ୍ବର ବିହିନ ଏକ ଟିଭିଏସ ଲୁନାକୁ ଜବଦ କରିଥିଲେ। ଧରାପଡିଥିବା ଚୋରନାମ ମିରଜମାମ ଶେଖ ଘର ମୁର୍ସିଦାବାଦ ବୋଲି ଚାଷୀଙ୍କୁ ଚୋରଟି କହିଥିଲା ଏବଂ ଦୁଇ ଜଣ ଚୋର ଉକ୍ତ ସ୍ଥାନରୁ ଦୌଡି ପଳାଇବାରେ ସକ୍ଷମ ହୋଇଥିଲେ। ଏ ନେଇ ପାଣି ପଂଚାୟତ ସଭାପତି ପୁରୁଷତମ ନାଏକ ଚମ୍ପୁଆ ଥାନାରେ ଅଭିଯୋଗ କରିବା ସହିତ ପୋଲିସକୁ ଜିମା ଦେଇଥିଲେ। ସୂଚନା ଯୋଗ୍ୟକି ବାହାର ରାଜ୍ୟରୁ ବିଭିନ୍ନ ଜିନିଷ ବିକ୍ରି ପାଇଁ ଓଡିଶା ମଧ୍ୟକୁ ଯୁବକମାନେ ପ୍ରବେଶ କରୁଥିଲେ ମଧ୍ୟ ଏମାନଙ୍କ ପ୍ରତି ପ୍ରଶାସନିକ ଅଙ୍କୁଶ ନଥିବାରୁ ଏଭଳି ଘଟଣା ଘଟୁଥିବା ବୁଦ୍ଧିଜିବୀମାନେ ମତ ଦେଇଛନ୍ତି। ଅନ୍ୟ ପକ୍ଷରେ ଦୁଇ ଦିନ ତଳେ ଚମ୍ପୁଆ ବ୍ଲକର ରଙ୍ଗାମାଟିଆ ପଂଚାୟତର ରରୁଆଁଠାରୁ ୩ ଗୋଟି ପାଣି ମୋଟର ଚୋରୀ ହୋଇଯାଇଥିଲେ ମଧ୍ୟ ବର୍ତମାନ ସୁଦ୍ଧା ଏହାର ସୁରାକ ମିଳିପାରିନାହିଁ।

# ମାଙ୍କଡ଼ ଆକ୍ରମଣରେ ମହିଳା ମୃତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଉତରପ୍ରତାପ ଗ୍ରାମର ଅରକ୍ଷିତ ପ୍ରଧାନଙ୍କ ପତ୍ନୀ ଶାନ୍ତିଲତା ପ୍ରଧାନ (୫୬) ମାଙ୍କଡ଼ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ରୋଷେଇ କରିବା ପାଇଁ ସେ ମଧ୍ୟାହ୍ନରେ ପରିବା କାଟୁଥିଲେ। ଏହି ସମୟରେ ପରିବା ନେବାପାଇଁ କେତେକ ମାଙ୍କଡ଼ ହଠାତ୍ ଘର ଭିତରକୁ ପଶି ଆସି ଟଣାଭିଡ଼ା କରିଥିଲେ। ଶାନ୍ତିଲତା ମାଙ୍କଡ଼ ମାନଙ୍କୁ ଘଉଡ଼ାଉଥିବା ବେଳେ ଏକ ଦନ୍ତାମାଙ୍କଡ଼ ତାଙ୍କୁ ଚାପୁଡ଼ା ମାରିବା ସହ ଠେଲି ଦେଇଥିଲା। ଶାନ୍ତିଲତା ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ କଟକ ଯିବା ରାସ୍ତାରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ପୂର୍ବରୁ ମାଙ୍କଡ଼ ମାନଙ୍କ ଆକ୍ରମଣରେ ଗ୍ରାମର ୧୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି। ଏ ସଂପର୍କରେ ଗ୍ରାମବାସୀ ପ୍ରଶାସନ ଓ ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର କେହି ଏଥିପ୍ରତି ଦୃଷ୍ଟି ଦେଲେନାହିଁ। ଫଳସ୍ୱରୂପ ମାଙ୍କଡ଼ଙ୍କ ପାଇଁ ଆଜି ଜଣେ ମହିଳାଙ୍କ ଅକାଳ ମୃତ୍ୟୁ ହେଲା ବୋଲି ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି। ମୃତା ଶାନ୍ତିଲତା ଜଣେ ଗରିବଶ୍ରେଣୀୟ ମହିଳା ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଧଉଳି ସାହିତ୍ୟ ସଂସଦର ଶୀତ ଆସର ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): କୌଶଲ୍ୟାଗଙ୍ଗ ସ୍ଥିତ ସିଫା ପ୍ରେକ୍ଷାଳୟରେ ଧଉଳି ସାହିତ୍ୟ ସଂସଦର ଶୀତ ଆସର ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ପ୍ରାଣରୂପାନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ପଚଶରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। କବିତା ସମ୍ପର୍କିତ ଆଲୋଚନା କରିଥିଲେ ଡ. ଅଜୟ ସ୍ୱାଇଁ, ଡ. ରଜନୀ ରଞ୍ଜନ, ଦିଲ୍ଲୀପ ସୁବୁଦ୍ଧି, ଦିବାକର ମାନସିଂହ, ଡ. କାଳନ୍ଦୀ ସାହୁ, ମାଧବ ବେହୁରା, ବଙ୍କିମ ଚନ୍ଦ୍ର ନାୟକ ଏବଂ ଲକ୍ଷ୍ମୀଧର ପ୍ରଧାନ। କବିତା ଗୁଡ଼ିକୁ ସଂଯୋଜନା କରିଥିଲେ ବିପିନ୍ ବେହେରା ଏବଂ ଆଶୁତୋଷ ଦାସ। ଏହି ଅବସରରେ କବି କୈଳାସ ବେହେରାଙ୍କ କବିତା ପୁସ୍ତକ 'ଆଞ୍ଜୁଳାଏ ଜହ୍ନରାତି' ଲୋକାର୍ପିତ ହୋଇଥିଲା। ଜୟଦେବ ସଙ୍ଗୀତର ଗାୟକ ବିଜୟରାମ ତ୍ରିପାଠୀ ଗୀତ ଗୋବିନ୍ଦ ସହ ଆଉ କିଛି ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। ଅନୁଷ୍ଠାନର ସଭାପତି କବି ଅକ୍ଷୟ ସ୍ୱାଇଁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ନିରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ସଂସଦର ପ୍ରମୁଖ ସଦସ୍ୟ ସୁମନ୍ତ କୁମାର ସୁବୁଦ୍ଧି ଓ ସବିତା ମହାପାତ୍ର।

# ହାତ ଧରିଲେ ଗୁଡ୍‌ଲି



ଭୁବନେଶ୍ୱର (ପିଏନ୍)–ଓଡ଼ିଆ ସିନେ ଜଗତର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଶ୍ରୀ ଗୁଡ୍‌ଲି ରଥ ଓଡ଼ିଶା ପ୍ରଭାରୀ ଡ. ଏ ଚେଲ୍ଲା କୁମାରଙ୍କ ଉପସ୍ଥିତିରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ଦଳରେ ଯୋଗଦାନ କଲେ। ଡ. ଏ ଚେଲ୍ଲା କୁମାର ଓ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଶ୍ରୀ ରଥ ଏବଂ ସୁନାମଧନ୍ୟା କଣ୍ଠଶିଳ୍ପୀ ପମି ମିଶ୍ର, ରଶ୍ମିତା ସାହୁ ଏବଂ କାକଟପୁର ନିର୍ବାଚନ ମଣ୍ଡଳୀର ସ୍ୱପ୍ନଲିପ୍ସା ମହାନ୍ତି, ବିଶ୍ୱଜିତ ଲେଙ୍କାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଂଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ରାଉତ, ଗଣେଶ୍ୱର ବେହରା, ବିଧାୟକ ସୁରେଶ କୁମାର ରାଉତରାୟ, ଶସନ୍ତୋଷ ସିଂ ସାଲୁଜା, ରାଜନ ଏକ୍କା, ଅଧିରାଜ ମୋହନ ପାଣିଗ୍ରାହୀ, ରମେଶ ଜେନା ଓ ବହୁ କଂଗ୍ରେସ ନେତୃବର୍ଗ ଉପସ୍ଥିତ ଥିଲେ।

# ଉତ୍କଳମଣି ଗୋପବନ୍ଧୁ ସେବା ସଂଘର ବାର୍ଷିକ ଉତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ସିଭିକ ସେଂଟର ପରିସରରେ ଉତ୍କଳମଣି ଗୋପବନ୍ଧୁ ସେବା ସଙ୍ଘର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସିଡିଏମଓ ତଥା ସେବାସଙ୍ଘର ସଭାପତି ଡାକ୍ତର ବିଜୟ କୁମାର ଶତପଥୀ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ତଥା ସୁସାହିତ୍ୟିକା ଛନ୍ଦା ମିଶ୍ର ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାଂଜଳି ଅର୍ପଣ କରି ଜଣେ ମାଆ ଚାହିଁଲେ ତାର ପରିବାର ସହ ସମାଜକୁ ବଦଳାଇଦେଇ ପାରିବ। ଯାହାର ଦୃଷ୍ଟାନ୍ତ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଓ କୁଳବୃଦ୍ଧ ତାଙ୍କ ମାଆ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ଭଗବତ ଗୀତା ମଣିଷକୁ ମାର୍ଗ ଦର୍ଶନ କରାଇଥାଏ ବୋଲି ମତପ୍ରକାଶ କରିଥିଲେ। ପ୍ରତିଷ୍ଠାତା ସହସମ୍ପାଦକ ଅକ୍ଷୟ କୁମାର ଜେନା ମଂଚ ଆମନ୍ତ୍ରଣ କରିଥିବା ବେଳେ ରୋଟାରିଆନ ହରିହର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ରୋଟାରିଆନ ନିରଂଜନ ପାଣିଗ୍ରାହି ଓ ଇନରହୁଇଲ ପ୍ରାକ୍ତନ ସଭାନେତ୍ରୀ ମାଧୁରୀ ଶତପଥୀ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବା ବେଳେ ଉପାସନା ଶତପଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଙ୍ଘ ସମ୍ପାଦକ ପ୍ରବୋଧ କୁମାର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଧର୍ମଶାଳା କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com



# ମୋ ସହର

## ବଡ଼ ଓଷା ଓ ଶୈବପୀଠ ଧବଳେଶ୍ୱର

ଓଡ଼ିଶା ପରମ୍ପରା ସହ ଓତଃପ୍ରୋତ ଭାବେ ଜଡ଼ିତ ଧର୍ମମାସ କାର୍ତ୍ତିକର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ହେଉଛି ବଡ଼ଓଷା। ଏହା କାର୍ତ୍ତିକ ମାସର ଅନ୍ତିମ ଦିବସ ଅର୍ଥାତ୍ ମାସାନ୍ତରେ ପାଳିତ ହୋଇଥାଏ। ଉପକୂଳ ଓଡ଼ିଶା ବିଶେଷକରି କଟକ, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଆଦି ସ୍ଥାନରେ ବଡ଼ ଓଷା ବେଶ୍ ଭକ୍ତି ଭାବ ସହକାରେ ପାଳିତ ହୋଇଥାଏ। ଏହି ଦିନରେ ନିଜର ତଥା ଆତ୍ମୀୟମାନଙ୍କ କଲ୍ୟାଣର୍ଥେ ବ୍ରତ ରଖାଯାଇଥାଏ। ବ୍ରତ ରଖିବା ବ୍ୟତୀତ ଆକାଶଦୀପ ଉଠିଥାଏ। ଓଷା ରଖିଥିବା ବ୍ରତଧାରୀମାନେ ଏହି ଦିନ ଉପବାସ ରହିଥାନ୍ତି। ପରଦିନ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାରେ ଦିଅଁ ଦର୍ଶନ କରି ଭୋଗ ସେବନ କରିଥାନ୍ତି। କଟକ ମହାନଦୀ ତଟରେ ଥିବା ଧବଳେଶ୍ୱର ପୀଠରେ ମହାଆଡ଼ମ୍ବରରେ ଆୟୋଜିତ ହୋଇଥାଏ ଏହି ପର୍ବ। ଏହି ଅବସରରେ ମହାପ୍ରଭୁ ଧବଳେଶ୍ୱରଙ୍କ ଠାରେ ଗଜଭୋଗ ଲାଗି କରାଯାଇଥାଏ। ବ୍ରହ୍ମାଙ୍କ ଦ୍ୱାରା ଶାପଗ୍ରସ୍ତ ହେବା ପରେ ଦେବରାଜ ଇନ୍ଦ୍ର ଧବଳେଶ୍ୱର ପୀଠକୁ ଆସି ଶାପମୁକ୍ତ ହୋଇଥିଲେ ବୋଲି ପଦ୍ମପୁରାଣରେ ବର୍ଣ୍ଣିତ ଅଛି। ଦେବଦେବ ମହାଦେବଙ୍କ ପୀଠ ହୋଇଥିବାରୁ ଏଠାରେ ମହାଶିବରାତ୍ରୀ, ଶୀତଳଷଷ୍ଠୀ, ବଡ଼ଓଷା ଓ ଅଶୋକାଷ୍ଟମୀ ଆଦି ପର୍ବପର୍ବାଣୀ ବେଶ୍ ଧୁମ୍‌ଧାମରେ ପାଳନ କରାଯାଏ। ବିଶେଷକରି ବୋଲବମ୍ ଓ କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ପୁରୀ ଶ୍ରୀମନ୍ଦିରପରି ଏଠାରେ ମଧ୍ୟ ପୂର୍ବପୁରୁଷଙ୍କୁ ପିଣ୍ଡ ଦିଆଯାଏ। ଏଥିସହ ପବିତ୍ର କାର୍ତ୍ତିକ ମାସ ସାରା ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀରେ ଏଠାରେ ମହାପ୍ରଭୁ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ପ୍ରସିଦ୍ଧ ବଡ଼ଓଷା ପଡୁଥିବାରୁ ପୀଠଟି ଚଳଚଞ୍ଚଳ ହୋଇଉଠେ। ଏହିଦିନ ବିଳମ୍ବିତ ରାତ୍ରରେ ପ୍ରଭୁଙ୍କ ବଡ଼ସିଂହାର ବେଶ ଦେଖିବା ପାଇଁ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥାଏ। ବିଡ଼ାନାସୀପଟୁ ଡଙ୍ଗା ଏବଂ ଆଠଗଡ଼ପଟୁ ଝୁଲାପୋଲ ଦେଇ ହଜାର ହଜାର ଭକ୍ତ ଏଠାକୁ ଆସି ବେଶ ଦର୍ଶନ କରିଥାନ୍ତି। ଏଥିସହ ପ୍ରଭୁଙ୍କ ପ୍ରିୟ ଗଜଭୋଗ ପାଇବା ପାଇଁ ରାତି ତମାମ ଉଜାଗର ରୁହନ୍ତି। ଧଳା ଓ ଈଶ୍ୱର ଶବ୍ଦର ଏକୀକରଣରୁ ଧବଳେଶ୍ୱର ଶବ୍ଦ ଉତ୍ପତ୍ତି। ଏପରି ନାମକରଣ ପଛରେ ଏକ କିମ୍ବଦନ୍ତୀ ରହିଛି। ଏକଦା ଜଣେ ଚୋର ନିକଟ ଗ୍ରାମରୁ କଳା ବାଛୁରୀକୁ ଚୋରି କରି ଏହି ପୀଠରେ ଲୁଚିଥିଲା। ଏହା ଜଣାପଡ଼ିବା ପରେ ଗ୍ରାମବାସୀ ତାକୁ ଧରିବା ପାଇଁ ମନ୍ଦିର ବାହାରେ ଅପେକ୍ଷା କରିଥିଲେ। ହେଲେ ଚୋର ଗ୍ରାମବାସୀଙ୍କ କୋପରୁ ରକ୍ଷା କରିବା ନିମନ୍ତେ ମନ୍ଦିରରେ ଶିବଙ୍କୁ ଆରାଧନା କରିଥିଲା। ଏଥିରେ ପ୍ରସନ୍ନ ହୋଇ ସ୍ୱୟଂ ମହାଦେବ ଅପେକ୍ଷାରତ ଗ୍ରାମବାସୀଙ୍କ ସମ୍ମୁଖରେ ସନ୍ନ୍ୟାସୀ ବେଶରେ ପ୍ରକଟ ହୋଇଥିଲେ। ଗ୍ରାମବାସୀଙ୍କୁ କ୍ରୋଧର କାରଣ ପଚାରିବାରୁ ସେମାନେ ଚୋରି କଳା ବାଛୁରୀ ବିଷୟରେ କହିଥିଲେ। ଏହା ଶୁଣି ସନ୍ନ୍ୟାସୀ ମନ୍ଦିର ଭିତରକୁ ଯାଇ ଧଳା ବାଛୁରୀକୁ ଆଣିଥିଲେ। ଯଦ୍ୱାରା ଗ୍ରାମବାସୀ ମିଛୁଆ ସାବ୍ୟସ୍ତ ହୋଇ ଚୋରକୁ ଯିବା ପାଇଁ ବାଟ ଛାଡ଼ିଥିଲେ। ମହାଦେବ କଳା ବାଛୁରୀକୁ ଧଳା ବାଛୁରୀରେ ପରିଣତ କରିଥିଲେ। ସେଥିପାଇଁ ଧବଳେଶ୍ୱର ନାମକରଣ ହୋଇଥିବା କୁହାଯାଉଛି।



ଡ଼ଃ.ଅରୁନ୍ଧତୀ ଦେବୀ

କେମିତି ଯିବେ : ଭୁବନେଶ୍ୱରରୁ ବାରଙ୍ଗ, ନରାଜ ଓ ବିଡ଼ାନାସୀ ଦେଇ କିମ୍ବା ଚୌଦ୍ୱାର ଦେଇ ଏହି ପୀଠକୁ ଯାଇହେବ। ରାଜଧାନୀରୁ ଏହି ପୀଠର ଦୂରତା ୫୨ କିମି ହୋଇଥିବାବେଳେ କଟକରୁ ୨୭ କିମି। ମନ୍ଦିରକୁ ମହାନଦୀ ଘେରି ରହିଥିବାରୁ ଏହାକୁ ଧବଳେଶ୍ୱର ଦ୍ୱୀପ ବୋଲି ମଧ୍ୟ କୁହାଯାଏ। ୫ବର୍ଷ ପୂର୍ବେ ଲୋକେ ଏଠାକୁ ଡଙ୍ଗା ଦ୍ୱାରା ଯାଉଥିଲେ। କିନ୍ତୁ ବହୁ ସମୟରେ ଦୁର୍ଘଟଣା ଘଟିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିକୁ ଆଠଗଡ଼ପଟୁ ପାଦଚଲା ଝୁଲନ୍ତା ପୋଲ ନିର୍ମାଣ କରାଯାଇଛି। ମନ୍ଦିରରେ ପହଞ୍ଚିବାକୁ ହେଲେ ଗମନାଗମନର ସାଧନ ଭାବେ ମୁଖ୍ୟତଃ ଡଙ୍ଗା କିମ୍ବା ଝୁଲାପୋଲକୁ ବ୍ୟବହାର କରାଯାଏ। ଏହା ଓଡ଼ିଶାରେ ଦୀର୍ଘତମ ଓ ପ୍ରଥମ ଝୁଲାପୋଲ ଭାବେ ପରିଚିତ। ଏହି ଶୈବପୀଠକୁ ଯିବାର ପ୍ରକୃଷ୍ଟ ସମୟ ହେଉଛି ମେଘୁଆ ପାଗ କିମ୍ବା ଶୀତଋତୁ। ଅନୁକୂଳ ପାଗରେ ଗଲେ ସେଠାକାର ପରିବେଶକୁ ମନ ଭରି ଉପଭୋଗ କରାଯାଇପାରିବ। ସେଠାରେ ନୌକା ବିହାରର ମଧ୍ୟ ସୁଯୋଗ ରହିଛି। ମହାନଦୀରେ ଛିଡ଼ା ହୋଇ ମନ୍ଦିରକୁ ଦେଖିବାର ଦୃଶ୍ୟ ଅତ୍ୟନ୍ତ ମନଲୋଭା। ରହଣି ଲାଗି ଏଠାରେ ପାନ୍ଥିକା ରହିଛି।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦

## ଇଫକୋକୁ ସମ୍ମାନଜନକ ଗ୍ରୀନ୍‌ଟେକ ଏନଭାଇରନମେଣ୍ଟ ଆୱାର୍ଡ

ପାରାଦୀପ,(ପି.ଏନ): ପରିବେଶ ଉତ୍କର୍ଷ ବର୍ଗରେ ଉଲ୍ଲେଖନୀୟ ସଫଳତା ପାଇଁ ଇଫକୋ ପାରାଦୀପ ୟୁନିଟ୍ ୨୩ତମ ବାର୍ଷିକ ଗ୍ରୀନ୍‌ଟେକ୍ ପରିବେଶ ପୁରସ୍କାର ୨୦୨୩ ର ବିଜେତା ହୋଇଛି କ୍ଷ ଗତ ନଭେମ୍ବର ୨୪ ତାରିଖରେ ଜାମ୍ମୁ ଓ କାଶ୍ମୀର ର ସୋନମାର୍ଗ ଠାରେ ଆୟୋଜିତ ଗ୍ରୀନ୍‌ଟେକ ବାର୍ଷିକ ସମ୍ମିଳନୀରେ ଇଫକୋ କୁ ଏହି ପୁରସ୍କାର ମିଳିଥିଲା କ୍ଷ ଏହି ଅବସରରେ ଇଫକୋ ର ଉତ୍ପାଦନ, ପରିବେଶ ଓ ନିରାପତ୍ତା ବିଭାଗର ସାଧାରଣ ପ୍ରବନ୍ଧକ ଆର.କେ.ପାଣ୍ଡେ ଓ ଇପିସି ପ୍ରବନ୍ଧକ ଦେବାଶିଷ ମହାନ୍ତି ମୁଖ୍ୟ ଅତିଥି ସିଙ୍ଗାରେନି କୋଲେରିଜ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏନ.ଶ୍ରୀଧର ଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ ।



## ବିରୋଧୀ ଦଳ ବିଧାୟକଙ୍କୁ ସାମ୍ନା କରିପାରୁନାହାନ୍ତି ସରକାର-ରୁଦ୍ର ପାଣି

ଅନୁଗୁଳ,(ପି.ଏନ): ଓଡ଼ିଶା ସରକାର ବିଧାନସଭା ଠିକ ଭାବେ ଚଳାଇ ପାରୁନାହାନ୍ତି,ନଭେମ୍ବର ୨୧ରୁ ଆରମ୍ଭ ହୋଇଥିବା ୩୦ ଦିନର ବିଧାନସଭା ଅଧିବେଶନ କୁ ମାତ୍ର ୪ଦିନରେ ବନ୍ଦ କରିଛନ୍ତି ସରକାର, ଯାହାକି ଗଣତନ୍ତ୍ର ପ୍ରତି ବିପଦ ସଂକେତ ବୋଲି ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି ପ୍ରକାଶ କରିଛନ୍ତି।ବିରୋଧୀ ଦଳ ବିଧାୟକ ଙ୍କୁ ସରକାର ସାମ୍ନା କରି ପାରୁନାହାନ୍ତି ବୋଲି ସେ କହିଛନ୍ତି ।ବିଧାନସଭା ରେ ରାଜ୍ୟର ସାଧାରଣ ଲୋକଙ୍କ ସମସ୍ୟା କୁ ବିଧାୟକ ମାନେ ଉପସ୍ଥାପନ କରିଥାନ୍ତି ଏବଂ ସରକାର ଏ ଦିଗରେ ପଦକ୍ଷେପ ନେଇ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରାଯାଇଥାଏ କିନ୍ତୁ ରାଜ୍ୟରେ ଏକ ଅଗଣତାନ୍ତ୍ରୀକ ସରକାର ଚାଲିଛି ,ଲୋକପ୍ରତିନିଧି, ବିଧାୟକ, ମନ୍ତ୍ରୀ ମାନଙ୍କର କୌଣସି କ୍ଷମତା ନାହିଁ କେବଳ ସରକାରୀ ଅଫିସର ମାନଙ୍କର ଶାସନ ଚାଲିଛି ବୋଲି ଶ୍ରୀ ପାଣି ଅଭିଯୋଗ କରିଛନ୍ତି।



## କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ମହାଦୁର୍ନୀତି ନେଇ ବିଧାନସଭାରେ ପ୍ରଶ୍ନ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ହୋଇଥିବା ମହାଦୁର୍ନୀତି ସମ୍ପର୍କରେ ଓଡିଶା ବିଧାନସଭାରେ ପ୍ରଶ୍ନ କରାଯାଇଛି। ବିଧାନସଭାରେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର ୬୩୫ନମ୍ବରରେ ପ୍ରଶ୍ନ କରିଛନ୍ତି ଯେ ଉଚ୍ଚଶିକ୍ଷାମନ୍ତ୍ରୀ ଅନୁଗ୍ରହ କରି କହିବେକି କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଘଟି ଚାଲିଥିବା ମାଳମାଳ ଅଭିଯୋଗ ସଂକ୍ରାନ୍ତରେ ସରକାର ଅବଗତ କି, ଯଦି ହଁ ଅଭିଯୋଗ ଗୁଡିକର ଗୁରୁତ୍ୱ ଦୃଷ୍ଟିରୁ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ସରକାର ନିର୍ଦ୍ଦେଶ ଦେବେକି ବୋଲି ପ୍ରଶ୍ନ କରି ପଚାରିଛନ୍ତି। ଏଥିସହିତ ବିଧାୟକ ଶ୍ରୀ ମିଶ୍ର ୬୩୨ନମ୍ବରରେ ପ୍ରଶ୍ନ କରିଛନ୍ତି ଯେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେକି କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପରିଚାଳନା ପରିଷଦ କେବେ ଗଠିତ ହୋଇଥିଲା ଓ ଏହାର ସଦସ୍ୟ କିଏ। ଆଜି ସୁଦ୍ଧା କେଉଁ କେଉଁ ତାରିଖରେ ଏହାର ବୈଠକ ବସି କି କି କି ନିଷ୍ପତ୍ତି ନିଆଯାଇଛି ତାର ସବିଶେଷ ବିବରଣୀ ଦେବେକି ବୋଲି ପ୍ରଶ୍ନ କରିଛନ୍ତି। ଏତଦବ୍ୟତିତ ୬୩୪ନମ୍ବର ପ୍ରଶ୍ନରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ କେବେ ସୁଦ୍ଧା ସ୍ୱୟଂଶାସିତ ମାନ୍ୟତା ମିଳିଥିଲା ଓ ତାର ଅବଧି କେଉଁ ସମୟ ପର୍ଯ୍ୟନ୍ତ ଥିଲା। ବର୍ତ୍ତମାନ ଏହାର ସ୍ୱୟଂଶାସିତ ମାନ୍ୟତା ଅଛିକି, ଯଦି ନାଁ କେଉଁ କାରଣରୁ ମାନ୍ୟତା କରାଇଛି ଓ ମାନ୍ୟତା ଫେରି ପାଇବାର କୌଣସି ସୁଯୋଗ ଅଛିକି, ସରକାର କଣ ପଦକ୍ଷେପ ନେଇଛନ୍ତି ଜଣାଇବେ ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି।

## ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ତରଫରୁ ଜାତୀୟ ସାମ୍ବାଦିକ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ତରଫରୁ ଏକ ଭାବଗମ୍ଭୀର ପରିବେଶ ମଧ୍ୟରେ ଜାତୀୟ ସାମ୍ବାଦିକ ଦିବସ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ଡା. ଡି.ପି. ଚୌଧୁରୀ ଉଦଘାଟକ ଭାବେ ଯୋଗଦେଇ ପ୍ରେସ୍ ସ୍ୱାଧୀନତା ଉପରେ ଆଲୋଚନା କରିବା ସହିତ ତାଙ୍କର ବହୁମୂଲ୍ୟ ପରାମର୍ଶ ଦେଇଥିଲେ । ପ୍ରେସ୍ ବହୁ ଘାତ ପ୍ରତିଘାତ ଭିତରେ ଯାଇ ଦେଶ ସ୍ୱାଧୀନ ହେବା ପୂର୍ବରୁ ନିଜର ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା । ଆଜିର ସାମ୍ବାଦିକ ଓ ସାମ୍ବାଦିକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ପ୍ରେସ୍ ସ୍ୱାଧୀନତା ଯେତିକି ଗୁରୁତ୍ୱପୂର୍ଣ୍ଣ ସେହିଭଳି ଭାବରେ ଏହି ସ୍ୱାଧୀନତାକୁ ଅପବ୍ୟବହାରର କରିବା ଏକ ଗର୍ହିତ କାର୍ଯ୍ୟ ବୋଲି ସେ ବିବେଚନା କରିଥିଲେ ଏବଂ ଏଥିଲାଗି ମିଡିଆ ବନ୍ଧୁମାନଙ୍କୁ ସତର୍କ କରାଇ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ସାଂସଦ ଡା.ପ୍ରସନ୍ନ କୁମାର ପାଟଶାଣୀ ପ୍ରେସ୍ ସ୍ୱାଧୀନତା ଅକ୍ଷୁର୍ଣ୍ଣ ରଖିବା ଲାଗି ସମବେତ ସାମ୍ବାଦିକମାନଙ୍କୁ ଆହ୍ୱାନ ଦେବା ସଂଗେ ସଂଗେ ଆବଶ୍ୟକ ପଡିଲେ ଏଥିପାଇଁ ପ୍ରେସ୍ ଉପରେ ବାଧକ ସାଜିଥିବା ବିଭିନ୍ନ ଏଜେନ୍ସିମାନଙ୍କ ସହିତ ଯଥା କର୍ପୋରେଟଟାଇଜେସନ ବିରୁଦ୍ଧରେ ବଳିଷ୍ଠ ସ୍ୱର ଉତୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଓଡିଶା ସରକାରଙ୍କର କୃଷି ପରାମର୍ଶଦାତା ତଥା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ପ୍ରେସ୍ ସ୍ୱାଧୀନତା ଉପରେ କୌଣସି ସାଲିସ୍ କରାଯାଇପାରିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଜେଫରସନଙ୍କ ଉକ୍ତିକୁ ଉଦ୍ଧାର କରି ଆଲୋଚନା କରିଥିଲେ । ଉକ୍ତ ସଭାରେ ସଂଘର ସଭାପତି ସୁଜ୍ଞାନ ଚୌଧୁରୀ ପୌରହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ପବିତ୍ର କୁମାର ପାତ୍ର, ଉପସଭାପତି ପରମାନନ୍ଦ ମିଶ୍ର, କୋଷାଧ୍ୟକ୍ଷ ପ୍ରମୋଦ ପରିଡ଼ା ସମେତ ପୁରୀ ଜିଲ୍ଲା ସଭାପତି ସାମ୍ବାଦିକ ଶରତ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଲିଛି ମହାପଞ୍ଚକ : ପ୍ରାଚୀତଟ ମଠ ମନ୍ଦିର ସବୁ ଉତ୍ସବ ମୁଖର



କାକଟପୁର,(ପି.ଏନ): ଧର୍ମ ମାସ କାର୍ତ୍ତିକ ର ଶେଷ ପାଞ୍ଚଦିନ (କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ)କୁ ପବିତ୍ର ପଞ୍ଚକ ଭାବେ ପାଳନ କରାଯାଏ । ଏହା ମହାପଞ୍ଚକ, ବକପଞ୍ଚକ,ଭୀଷ୍ମପଞ୍ଚକ ବା ବିଷ୍ଣୁ ପଞ୍ଚକ ଭାବେ ମଧ୍ୟ ଜଣାଶୁଣା । ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ୍ୟ ପାଳନ କରନ୍ତି । ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନ ଦିବସ ଠାରୁ ସାତଦିନ ହବିଷ୍ୟ କରନ୍ତି । ଏହି ପାଞ୍ଚଦିନ ହିନ୍ଦୁମାନେ ଆମିଷ ପରିତ୍ୟାଗ କରି ଶୁଦ୍ଧ, ସାତ୍ତ୍ୱିକ ଖାଦ୍ୟ ଭୋଜନ କରନ୍ତି । ଏହି ପଞ୍ଚକ ରେ ବକମାନେ ମଧ୍ୟ ଆମିଷ ଭୋଜନ ରୁ ନିବୃତ୍ତ ରୁହନ୍ତି ବୋଲି କଥିତ ଅଛି । ତେଣୁ ଏହାକୁ 'ବକ ପଞ୍ଚକ' ମଧ୍ୟ କୁହାଯାଇଥାଏ। ଶରଶଯ୍ୟା ଉପରେ ଶାୟିତ ପିତାମହ ଭୀଷ୍ମ ରାଜଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବର୍ଣ୍ଣନା କରିଥିଲେ, ଯାହାକୁ ପାଣ୍ଡବମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଶୁଣିଥିଲେ । ଏଥିରେ ପ୍ରସନ୍ନ ହୋଇ ଶ୍ରୀ ବାସୁଦେବ କହିଲେ ଆପଣ ଧନ୍ୟ । ଧର୍ମର ଗୂଢ଼ ରହସ୍ୟ ବର୍ଣ୍ଣନା କରିଛନ୍ତି । କାର୍ତ୍ତିକ ଏକାଦଶୀ ଦିନ ତମେ ଜଳର ଇଚ୍ଛା କରିଛ । ଅର୍ଜୁନ ବାଣ ଦ୍ୱାରା ଗଙ୍ଗାଜଳ ପ୍ରସ୍ତୁତ କଲେ, ଯଦ୍ୱାରା ତମର ତନ, ମନ, ପ୍ରାଣ ସନ୍ତୁଷ୍ଟ ହେଲା । ଏଣୁ ଆଜିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଯେଉଁମାନେ ତୁମକୁ ଜଳ ଅର୍ଘଦାନ କରିବେ- ସେମାନେ ମୋତେ ତୃପ୍ତକରିବେ । ଏହା ହେଉଛି ଭୀଷ୍ମପଞ୍ଚକ- ପ୍ରତିବର୍ଷ ପାଳିତ ହେବ । ସାଧାରଣତଃ ସନ୍ତାନପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ ଏହି ଭୀଷ୍ମପଞ୍ଚକ ବ୍ରତ ପାଳନ କରନ୍ତି ଓ ଏହି ପଞ୍ଚକରେ ତେତିଶ କୋଟି ଦେବତା ମନୁଷ୍ୟମାନଙ୍କର ସନ୍ନିକଟ ହୋଇଯାନ୍ତି ଓ ଏହି ସମୟରେ ଏକଲକ୍ଷ ତୁଳସୀପତ୍ର ଚଢ଼ାଇ ବିଷ୍ଣୁଙ୍କୁ ପୂଜାକଲେ, ସମସ୍ତ ଦେବତା ପ୍ରସନ୍ନ ହୋଇ ବର ପ୍ରଦାନକରନ୍ତି ଓ " ସର୍ବଦେବ ନମସ୍କାରଃ କେଶବଂ ପ୍ରତିଗଚ୍ଛତି ଓ" ଭଗବାନ୍ ବିଷ୍ଣୁ ଇପ୍ସିତ ବର ପ୍ରଦାନ କରନ୍ତି ପଞ୍ଚକର ଶେଷ ତିନିଦିନ ତ୍ରୟୋଦଶୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା- ଅତ୍ୟନ୍ତ ପୂଣ୍ୟମୟ ତିଥି ।ପ୍ରେତପୁରୁଷ ଓ ପିତୃପୁରୁଷଙ୍କୁ ପଥ ପ୍ରଦର୍ଶନ ତଥା ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମପଥକୁ ଉଜ୍ଜଳ କରିବା ସକାଶେ ପ୍ରତ୍ୟେକ ଗ୍ରାମରେ ଆକାଶଦୀପ ପ୍ରତିଷ୍ଠା କରାଯାଇଥାଏ ଓ ଏହି ଧର୍ମମାସର ପ୍ରତ୍ୟେକ ଦିନ ପର୍ବର ଦିନ । ଦିନେ ଦଣ୍ଡକାରଣ୍ୟରେ ଋଷିମୁନିମାନେ ରାମରୂପ ଦର୍ଶନରେ ପ୍ରଲୁବ୍ଧ ହୋଇଥିଲେ ଓ ଭଗବାନ ରାମ ବର ପ୍ରଦାନ କରିଥିଲେ- ଦ୍ୱାପର ଯୁଗରେ ତମେ ସବୁ ଗୋପୀ ହୋଇ ମୋତେ କୃଷ୍ଣ ରୂପରେ ପ୍ରାପ୍ତ ହେବ କ୍ଷ କୃଷ୍ଣ ପ୍ରାପ୍ତି ଆଶାରେ ଏହି ଗୋପୀ ମାନେ କାର୍ତ୍ତିକ ମାସ ସାରା ପ୍ରତ୍ୟୁଷରୁ ସ୍ନାନ କରି ନଦୀ, ସମୁଦ୍ର, ପୁଷ୍କରଣୀ, ଝରଣା ତଟରେ ବାଲିରେ କୃଷ୍ଣମୂର୍ତ୍ତି ସ୍ଥାପନ କରି, ପୁଷ୍ପଚନ୍ଦନ ହୁଳହୁଳି ଦାନପୂର୍ବକ, କୃଷ୍ଣ ତୁଲ୍ୟ ପତି ପ୍ରାପ୍ତ୍ୟର୍ଥ ? କାର୍ତ୍ତିକ ବ୍ରତ ପାଳନ କରୁଥିଲେ ଓ ସେ ପରମ୍ପରା ଏବେ ମଧ୍ୟ ଅନୁସୃତ । ବିଧବା ମହିଳା ଓ ଧର୍ମ ପରାୟଣ ବ୍ୟକ୍ତି ମାନେ ମାସ ସାରା ରାଇ ଦାମୋଦର ପୂଜା ଚଉରା ମୂଳରେ କରିଥାଆନ୍ତି। ପଞ୍ଚୁକ ପାଞ୍ଚ ଦିନ ମଠ,ମନ୍ଦିର ମାନଙ୍କରେ ରାସ ଉତ୍ସବ ପାଳିତ ହୋଇଥାଏ। ସଂଧ୍ୟାରେ ପୂଜା ପାଉଥିବା ରାଧା କୃଷ୍ଣ ଙ୍କୁ ମନ୍ଦିର ରୁ ଶୋଭାଯାତ୍ରା ରେ ଅଣାଯାଇ ପୂର୍ବରୁ ପ୍ରସ୍ତୁତ କୁଞ୍ଜ ରେ ଉପବେସନ କରାଯାଏ। ତାଙ୍କ ସମ୍ମୁଖ ରେ ଶରଦ ରାସ ପୁସ୍ତକ ର ଗୋଟିଏ ଗୋଟିଏ ଅଧ୍ୟାୟ ସବୁଦିନ ପାଠ କରାଯାଇ ଥାଏ।

## ଉଦ୍‌ଯୋଗ ବିକାଶ ତାଲିମ୍ ଶିବିର ଉଦଘାଟିତ





କାକଟପୁର,(ପି.ଏନ): ଓଡ଼ିଶା ପ୍ରୋଜେକ୍ଟ ବଜାର ବିକାଶ ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ମା ମଙ୍ଗଳା ଆଇଟିସି ସଭାଗୃହ ପରିସରରେ ୧୨ ଦିନିଆ ତାଲିମ ଶିବିର ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଅମୂଲ୍ୟ ରତ୍ନ ପଣ୍ଡା,ସହ ପରିଚାଳକ ହେମନ୍ତ କୁମାର ନାୟକ, ବ୍ଲକ୍ ଶିଳ୍ପ ବିକାଶ ଅଧିକାରୀ ସୁବ୍ରତ କୁମାର ନାୟକ,ମା ମଙ୍ଗଳା ଆଇଟିସିର ମୁଖ୍ୟ ପରିଚାଳକ ଅଶୋକ କୁମାର ବରାଳ ଯୋଗ ଦେଇଥିଲେ ।ଓପିଏମଡିସିର ନିର୍ଦ୍ଦେଶକ ରବିନ୍ଦ୍ର କୁମାର ସାହୁ ବ୍ଲକ ଶିଳ୍ପ ବିକାଶ ଅଧିକାରୀ ସୁବ୍ରତ କୁମାର ନାୟକ ସରକାରୀ ସହାୟତା, ପରିବେଶ ପରିସ୍ଥିତି ଉପରେ ତାଲିମ୍ ପ୍ରଦାନ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତର ମହିଳା ସ୍ଥାନୀୟ ଉଦ୍‌ଯୋଗୀ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସମସ୍ତ ତାଲିମ ରେ ଅଂଶଗ୍ରହଣ କରିଥିବା ଉଦ୍‌ଯୋଗୀ ମାନଙ୍କୁ ମା ମଙ୍ଗଳା ଆଇଟିସିର ମୁଖ୍ୟ ପରିଚାଳକ ଅଶୋକ କୁମାର ବରାଳ ସମ୍ବୋଧିତ କରି କହିଥିଲେ ମୁଁ ବି ୨୦୧୪ ମସିହାରେ ବି ତାଲିମ ନେଇ ଡିଜିଟାଲ କାକଟପୁରର ଦେଖିଥିବା ସ୍ୱପ୍ନ ଆଜି ସାକାର ହୋଇଛି। ଇଚ୍ଛାଶକ୍ତି ଆତ୍ମବିଶ୍ୱାସ ଆଗରେ ଅସମ୍ଭବ କିଛି ଶବ୍ଦ ହୋଇନଥାଏ ଯାହା କରିକି ଦେଖେଇଛି ମା ମଙ୍ଗଳା ଆଇଟିସି ପୁରୀ ଜିଲ୍ଲା ରେ ସମସ୍ତ ସରକାରୀ ପଦବୀ ପରୀକ୍ଷା ପରିଚାଳନା କରୁଥିବା ବେଳେ ବେକାର ଯୁବକ ଯୁବତୀ ମାନେ କମ୍ପ୍ୟୁଟର କୋର୍ସ୍ କରି ବାର୍ଷିକ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସରକାରୀ ବେସରକାରୀ ସଂସ୍ଥା ମାନଙ୍କ ରେ ନିଯୁକ୍ତି ପାଇବାରେ ସକ୍ଷମ ହୋଇଛନ୍ତି।

## ବ୍ଲକ୍ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ



ବାସୁଦେବପୁର,(ପି.ଏନ): ବ୍ଲକ୍ ସ୍ତରୀୟ ବିଜ୍ଞାନ ମେଳା ବାସୁଦେବପୁର ଠାରେ ସ୍ଥାନୀୟ ନରସିଂହପୁର ବାସନ୍ତୀ ପଡିଆ ରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସର ରେ ବିଭିନ୍ନ ବିଦ୍ୟାଳୟ ରୁ ଛାତ୍ର ଛାତ୍ରୀ ମାନେ ୨୦୮ ଟି ପ୍ରକଳ୍ପ ପ୍ରଦଶନ କରିଛନ୍ତି। ଆୟୋଜିତ ସଭା କାର୍ଯ୍ୟ ରେ ଗୋଷ୍ଠି ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଜୟନ୍ତୀ ବାରିକ୍, ସାଂସଦ ଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବୈଜ୍ଞାନିକ ବୋଧିସତ୍ୱ ସଂଘ ପ୍ରିୟ, ଏ ଡି ଇ ଓ ମାୟାଧର ସାହୁ, ସରପଂଚ ଗୌରାଙ୍ଗ ପଣ୍ଡା, ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତି ଲତା ପଣ୍ଡା ଯୋଗ ଦେଇଥିଲେ। ଶିକ୍ଷକ ଗୟାଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଦଇତାରୀ ବେହେରା ଧନ୍ୟବାଦ୍ ଅର୍ପଣ କରି ଥିଲେ। ଏହି ଅବସର ରେ କୃତି ବିଦ୍ୟାର୍ଥୀ ଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଛି। ଏହି ବିଜ୍ଞାନ ମେଳା ରେ ବିଭିନ୍ନ ବିଦ୍ୟାଳୟ ରୁ ଶହ ଶହ ବିଦ୍ୟାର୍ଥୀ ଯୋଗ ଦେଇଥିଲେ।

## ଜୀବେ ନିଷ୍ଠୁରତା ପ୍ରତିଷେଧକ ସମିତିର ଉପାଧ୍ୟକ୍ଷ ନିର୍ବାଚନ





କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ଜିଲ୍ଲା ଜୀବେ ନିଷ୍ଠୁରତା ପ୍ରତିଷେଧକ ସମିତିର ଉପାଧ୍ୟକ୍ଷ ନିର୍ବାଚନ ଜିଲ୍ଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରାଣୀ ସମ୍ପଦ ଚିକିତ୍ସା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉପାଧ୍ୟକ୍ଷ ନିର୍ବାଚନରେ ସମାଜସେବୀ ଫକୀର ଚରଣ ଖଟୁଆ ଉପାଧ୍ୟକ୍ଷ ଭାବେ ୩ଖଣ୍ଡ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ସମିତିରେ ୫ ଜଣ ଆଜୀବନ ସଦସ୍ୟ ଓ ୩୫ ଜଣ ସାଧାରଣ ସଦସ୍ୟ ଭୋଟ ଦେଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଯାଇଥିଲା। ଶ୍ରୀ ଖଟୁଆଙ୍କୁ ୨୧ଟି ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ସମାଜସେବୀ ବିରଜା ପତିଙ୍କୁ ୧୮ ଖଣ୍ଡ ଭୋଟ ମିଳିଥିଲା। ଏହି ନିର୍ବାଚନକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ତଥା ସମିତିର ସଦସ୍ୟ ସଚିବ ଡ଼ା. ଦିପ୍ତି ମହାପାତ୍ର ପରିଚାଉଳନା କରିଥିଲେ। ଏସଡିଭିଓ ଡ଼ା. ମନୋଜ କୁମାର ପଟ୍ଟନାୟକ, ଡ଼ା. ପ୍ରଭଞ୍ଜନ କବି, ଡିଏସ୍‌ପି ଲକ୍ଷ୍ମୀ ନାରାୟଣ ତିୱାରୀ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟାଳୟ ସହକାରୀ ମନୋରଞ୍ଜନ ପଟ୍ଟନାୟକ ନିର୍ବାଚନ ପରିଚାଳନାରେ ସହାୟତା କରିଥିଲେ। ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏହି ସମିତିର ସଭାପତି ଥିବାବେଳେ ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକର ଉପାଧ୍ୟକ୍ଷ ଏବଂ ମୁଖ୍ୟ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ଡା. ଦିପ୍ତି ମହାପାତ୍ର ସଦସ୍ୟ ସଚିବ ଅଛନ୍ତି ।

## ଏଡ଼ସ ସଚେତନତା ପ୍ରଦଶନି କାର୍ଯ୍ୟ କର୍ମ ଅନୁଷ୍ଠିତ



ବାସୁଦେବପୁର,(ପି.ଏନ): ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ ର ଆୟୋଜନ ରେ ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତି ପକ୍ଷରୁ ବାସୁଦେବପୁର ରେ ତାରିଣୀ ଛକ କାଳୀ ମଣ୍ଡପ ଆଗ ରେ ଏଡ଼ସ ସଚେତନତା ର ପ୍ରଦଶନୀ କାର୍ଯ୍ୟ କର୍ମ ର ଉଦ୍ ଘାଟନ ହୋଇ ଯାଇଛି। ବାସୁଦେବପୁର ଗୋଷ୍ଠି ସ୍ୱାସ୍ଥ୍ୟ ବିଭାଗ ର ଡାକ୍ତର ମନୋଜ କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇ ଉଦ୍ ଘାଟନ କରିଥିଲେ। ଅନୁଷ୍ଠାନ ପକ୍ଷ ରୁ ପ୍ରୋଜେକ୍ଟ ମ୍ୟାନେଜର ମନୋଜ ବାରିକ୍, ସର୍ବେଶ୍ୱର ମହାନ୍ତି, ବଳରାମ ପାତ୍ର, ଲକ୍ଷ୍ମୀ ବେହେରା, ନମିତା ବଳ, ତାପସ ବାରିକ୍ ପ୍ରମୁଖ ଉପସ୍ଥିତ ରହି ଥିଲେ। ଏହି ଷ୍ଟଲ ରେ ଏଚ୍ ଆଇ ଭି, ଏଡ଼ସ ଉପରେ ଲୋକ ମାନଙ୍କ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ସାମଗ୍ରୀ ବଣ୍ଟନ ସହ ଲିଫ ଲେଟ୍ ବଣ୍ଟନ ର ବ୍ୟବସ୍ଥା ରହିଛି ବୋଲି ଜଣା ପଡିଛି।

## ପାରିବାରିକ କଳହରୁ ସ୍ୱାମୀଙ୍କୁ ହତ୍ୟା କଲା ପତ୍ନୀ

କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର), (ପି.ଏନ): ସଦର ଥାନା ଅନ୍ତର୍ଗତ ନାରାୟଣପୂର ଗ୍ରାମର ଶଙ୍କର ବିଶୋଇକୁ ହତ୍ୟା ଘଟଣାରେ ଶଙ୍କର ର ସ୍ତ୍ରୀ ଶିବାନୀ ବିଶୋଇ (୩୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ପାରିବାରିକ କଳହ ରୁ ସ୍ତ୍ରୀ ନିଜ ସ୍ୱାମୀ କୁ ହତ୍ୟା କରିଥିବା ଜଣାପଡିଛି । ଚଳିତ ୨୧ ତାରିଖ ରେ ନାରାୟଣପୂର ଗ୍ରାମର ଶଙ୍କର ବିଶୋଇ କୁ କେହି ହତ୍ୟା କରିବା ନେଇ ଭାଇ ସତ୍ୟବାନ ବିଶୋଇ ସଦର ଥାନା ରେ ଅଭିଯୋଗ କରିଥିଲେ । ୨୧ ତାରିଖ ରାତ୍ର ଭାଇ ଶଙ୍କର ର ରକ୍ତ ଜୁଡୁବୁଡୁ ମୃତ ଦେହ ଘରେ ପଡ଼ିଥିବା ନେଇ ଭାଇ ପଞ୍ଚୁ ଦେଖିବାକୁ ପାଇଥିଲେ ନିଜ ଭାଇକୁ କେହି ହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ସଦର ପୋଲିସ ତଦନ୍ତ ଚଳାଇ ମୃତ ଶଙ୍କର ର ସ୍ତ୍ରୀ ଶିବାନୀ କୁ ପଚରାଉଚୁରା କରିଥିଲା । ଶିବାନୀ ହିଁ ପାରିବାରିକ କଳହ ପାଇଁ ନିଜ ସ୍ୱାମୀ ଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିଲା । ମୃତକ ଙ୍କ ୧୨ ବର୍ଷର ଏକ ପୁଅ ମଧ୍ୟ ରହିଛି । ମୃତକ ଶଙ୍କର ଚିତ୍ରକାର ରୂପେ ପରିବାର ପ୍ରତିପୋଷଣ କରୁଥିବା ବେଳେ ପ୍ରତ୍ୟହ ମଦ୍ୟପାନ କରୁଥିଲେ । ଘଟଣା ଦିନ ଉଭୟ ସ୍ୱାମୀ ଓ ସ୍ତ୍ରୀ ଙ୍କ ମଧ୍ୟରେ ଝଗଡା ହୋଇଥିଲା । ସ୍ତ୍ରୀ ଉତ୍ୟକ୍ତ ହୋଇ ଏକ କାଠଫାଳିଆ ରେ ନିଜ ସ୍ୱାମୀ ଙ୍କୁ ଆକ୍ରମଣ କରିଥିଲେ । ଶଙ୍କର ର ପ୍ରଚୁର ରକ୍ତ ସ୍ରାବ ହେବା ସହ ମୃତ୍ତୁ ହୋଇଥିଲା । ମୃତକ ଙ୍କ ପତ୍ନୀ ନିଜେ ଘଟଣା ଦିନ ଘରେ ଉପସ୍ଥିତ ନଥିବା ନେଇ ବିଭିନ୍ନ ବିଭ୍ରାନ୍ତିକାର ତଥ୍ୟ ତଦନ୍ତ ସମୟରେ ପୋଲିସ କୁ ପ୍ରଦାନ କରୁଥିଲା । ପଡୋଶୀ ଙ୍କ ତଥ୍ୟ କୁ ଆଧାର କରି ସଦର ପୋଲିସ ଶିବାନୀ କୁ ଅଧିକ ଜେରା କରିବା ପରେ ସେ ନିଜ ସ୍ୱାମୀ ଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିଲା । ପୋଲିସ ମୃତକ ଙ୍କ ଘରୁ ରକ୍ତ ଭିଜା କାଠଫାଳିଆ ଜବତ ମଧ୍ୟ କରିଥିଲା । ଶନିବାର ଶିବାନୀ କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray


SAGARMALA
Ministry of Ports, Shipping & Waterways Government of India
PM Gati Shakti
G20
PARADIP PORT AUTHORITY CELEBRATES THE GLORIOUS JOURNEY OF ODISHA'S MARITIME HERITAGE
ON
BOITA BANDANA UTSAV
PORT DAY-2023
27th November 2023 (Monday) at 10 AM
Chief Guest
Smt. Droupadi Murmu
Hon'ble President of India
Guest of Honour
Shri Raghubar Das
Hon'ble Governor of Odisha
In august presence of
Shri Shripad Yesso Naik
Hon'ble Minister of State for Ports, Shipping and Waterways & Tourism, Govt. of India
Shri Bishweswar Tudu
Hon'ble Union Minister of State for Tribal Affairs and Jal Shakti
Shri Shantanu Thakur
Hon'ble Minister of State for Ports, Shipping and Waterways Govt. of India
Smt. Tukuni Sahu
Hon'ble Minister of Water Resources Commerce & Transport Govt. of Odisha
Dr. Rajashree Mallick
Hon'ble Member of Parliament Lok Sabha, Jagatsinghpur
Shri Sambit Routray
Hon'ble Member of Legislative Assembly, Paradip
Venue: Paradip Port, Paradip